# କବି ବାଞ୍ଛାନିଧିଙ୍କ କବିତାରେ ଆବେଗ ଓ ଆବେଦନ

ଶ୍ରୀ ଶାନ୍ତନୁ କୁମାର ରଥ

କବି ବାଞ୍ଛାନିଧି ମହାନ୍ତି ସ୍ୱାଧୀନତା ସଂଗ୍ରାମ କାଳର ଜଣେ ଅଗ୍ନିବର୍ଷୀ ଚାରଣ କବି । ଜଣେ ମନ୍ତ୍ରେଚ୍ଛାରୀ ମହର୍ଷି । ସ୍ୱାଧୀନତାର ମନ୍ତ୍ରକୁ କଲମ ମୂନରେ କବିତା ଏବଂ ସ୍ୱର ସାଧନାରେ ସଂଗୀତରେ ରୂପାନ୍ତରିତ କରି ଜନମନକୁ ସଚଳ କରିବାରେ ସେ ଥିଲେ ଜଣେ ସଫଳ ସାଧକ ।

ପ୍ରତ୍ୟେକ କବି ପାଇଁ ନିର୍ଦ୍ଦିଷ୍ଟ ଅନୁଭବଟିଏ ଯେପରି କବିତା ରଚନା ଲାଗି ପ୍ରଚୋଦନା ଯୋଗାଏ, ସେହିପରି ସେ ସମୟର ପ୍ରତ୍ୟେକ ଘଟଣା ବାଞ୍ଛାନିଧିଙ୍କ କବିତାକୁ ମୁଖରିତ କରିଥିଲା । ଅନ୍ତରରେ ଜାତୀୟବାଦୀ ଚେତନା, କର୍ମରେ ସ୍ୱାଧୀନତା ପାଇଁ ସଂଗ୍ରାମ, କଲମରେ କବିତ୍ୱର ସ୍ଫୁରଣ, କଣ୍ଠରେ ସଂଗୀତର ଗୁଂଜନ- ଏସମସ୍ତ ଉପାଦାନ ହୋଇଥିଲା ବାଞ୍ଛାନିଧିଙ୍କୁ ଜଣେ କବି ରୂପେ ପରିଣତ କରିବା ପାଇଁ । ନିରୁତା ସ୍ୱଦେଶ ପ୍ରୀତି, ମଣିଷକୁ ଭଲ ପାଇବାର ପ୍ରବୃତ୍ତି ହିଁ ତାଙ୍କ କବିତାର ସ୍ଫୁରଣ ଦିଗରେ ସହାୟକ ହୋଇଥିଲା । ତାଙ୍କର କବିତାଗୁଡ଼ିକୁ ପାଞ୍ଚ ଭାଗରେ ବିଭକ୍ତ କରାଯାଇପାରେ । ଯଥା - (୧) ଜାତୀୟବାଦୀ କବିତା, (୨) ଉତ୍କଳୀୟ ଚେତନାର କବିତା, (୩) ମହାପୁରୁଷଙ୍କ ସ୍ମରଣ ଜନିତ କବିତା, (୪) ଜୀବନଧର୍ମୀ କବିତା ଓ (୫) ସଂସ୍କାରର୍ଧମୀ କବିତା ।

ଜାତୀ ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୁଅନ୍ତୁ ଏହା ଥିଲା ତାଙ୍କ ଅନ୍ତରର ଉଦ୍ଦେଶ୍ୟ । ସେଥିପାଇଁ ସେ ଗାଉଥିଲେ-

ଜୟ ଜୟ ହିନ୍ଦୁ ମୁସଲମାନ
ଶିଖ ପାର୍ସି ଜୈନ ବୌଦ୍ଧ ଇହୁଦୀ ଖ୍ରୀଷ୍ଟିୟାନ
ନକରି କାହାର ଭୟ, ଗାଅ ଜନ୍ମ ଭୂମିର ଜୟ
ସ୍ୱାଧୀନତା ବୈଜୟନ୍ତୀ ଉଡ଼ାଅ ଅବନୀ ମୟ ।

ସ୍ୱଦେଶୀ ବସ୍ତୁ ପ୍ରତି ଅନୁରକ୍ତି ସୃଷ୍ଟି କରି ଦେଶର ପ୍ରକୃତ ଅବସ୍ଥା ସୂଚାଇବା ପାଇଁ ରଚିତ ଗୀତରେ କୀର୍ତ୍ତନ ସୁର, ରାଗ ମିଶ୍ର ଖମ୍ବାଜ ଏବଂ ତାଳ -ଏକତାଳରେ ସଂଯୋଜିତ ହୋଇଛି । ସଂଗୀତଗୁଡ଼ିକ ଲୋକପ୍ରିୟ ଏବଂ ସହଜ । ଗାୟନଧର୍ମୀ କରିବା ପାଇଁ ପରିଚିତ ଛାନ୍ଦ, ଚଉପଦୀ ସ୍ୱରରେ ସେଗୁଡ଼ିକ ରଚନା କରିଛନ୍ତି । ସ୍ୱାଧିନତା ଆନ୍ଦୋଳନ ସମୟରେ ମହାତ୍ମାଗାନ୍ଧିଙ୍କ ଆହ୍ୱାନ ଭାରତୀୟ ଜନଜୀବନକୁ ଯେପରି ମନ୍ତ୍ରିତ କରିଦେଇଥିଲା ସେହି କାରଣରୁ ଲୋକେ ଗାନ୍ଧିଙ୍କୁ ଦେବତା ଜ୍ଞାନ କରି ନେଇଥିଲେ ଏବଂ ଭଗବାନଙ୍କ ଅବତାର ଭାବେ ମାନୁଥିଲେ ।

ସାଧାରଣ ମଣିଷଟି ଅନ୍ୟ ଗୋଟିଏ ମଣିଷକୁ ଡ଼ରିବା ଦେଖି ତାଙ୍କ କବି ପ୍ରାଣ ଯେଉଁ ବିଦ୍ରୋହ କରିଛି ତାହା ମଧ୍ୟ ସେ ପ୍ରକାଶ କରିଛନ୍ତି ଏହି କବିତାରେ ।

ମନୁଷ୍ୟ ନିଜେତ ହୋଇ ମନୁଷ୍ୟେ ନଡ଼ର ଭାଇ
ଜଗତେ ନଡ଼ର ଆନେ ଏକା ଜଗଜ୍ଜୟ ହେ ।
ଧନ ଜନ ପ୍ରାଣ ଦେଇ ସ୍ୱରାଜ୍ୟ ନିଅହେ ଭାଇ
ସ୍ୱରାଜ୍ୟ-କରତା ତିଳକର କର ଜୟ ଜୟ ହେ ।

ବିଦେଶୀ ଶାସକ ମାନଙ୍କ ହାତରୁ ସ୍ୱରାଜ୍ୟ ଛଡ଼ାଇ ନେବା ପାଇଁ ଏହି କବିତାରେ ଆହ୍ୱାନ ଦିଆଯାଇଛି ।

କବି ସବୁବେଳେ ଏକ ଆବେଗ ପ୍ରବଣ ପ୍ରାଣୀ । ଏହି ଆବେଗ ହିଁ ତାର କବିତା ରଚନାର ପୁଞ୍ଜି । ବସ୍ତୁଟିଏ, ଘଟଣାଟିଏ, ଚରିତ୍ରଟିଏ ଦେଖି ସେ ଯେମିତି ଚହଲିଯାଏ ଏବଂ ଛଳ ଛଳ ହୋଇଯାଏ ତାହା ହିଁ ତାଭିତରୁ କବିତାର ସ୍ଫୁରଣ ଘଟାଏ । ପ୍ରତ୍ୟେକ କବି ମାତ୍ରେ ଏହା ସତ୍ୟ । ନିଜେ ବିଚଳିତ ନହେଲେ ସେ ତାର ପାଠକକୁ ବା ଶ୍ରୋତାକୁ ସେଇ ଅନୁଭବଟି ଦେଇ ପାରିବ ନାହିଁ । ଏ ଦୃଷ୍ଟିରୁ କବି ବାଞ୍ଛାନିଧିଙ୍କ କବିତାରେ ଆବେଗର ଅଭାବ ନାହିଁ ।

ଆବେଦନ ଦୃଷ୍ଟିରୁ ବିଚାର କଲେ ତାଙ୍କ ଗୀତ ଗୁଡ଼ିକ ସେ ସମୟରେ ସାଧାରଣ ଲୋକଙ୍କ ମୁହଁରୁ ବହୁଳ ଭାବରେ ଉଚ୍ଚାରିତ ହୋଇଥିଲା । ସେ ଦିନର ଆବଶ୍ୟକତା, ଗାନ୍ଧିଙ୍କ ପ୍ରଦର୍ଶିତ ନୀତିକୁ ଆଧଶର କରି ଗୀତଗୁଡ଼ିକ ରଚିତ ହୋଇଥିବାରୁ ଜନତାଙ୍କୁ ସ୍ୱାଭାବିକ ଭାବରେ ଏବଂ ସହଜ ସ୍ୱର ହୋଇଥିବାରୁ ଆକୃଷ୍ଟ କରିପାରୁଥିଲା । ଆଛା ଗୋଲଟେବୁଲ ପାଲା ଲାଗିଲାରେ । ଗୀତଟି ଆଜି ପର୍ଯ୍ୟନ୍ତ ଲୋକ ମୁଖରେ ଶୁଣାଯାଉଥିବା ଲକ୍ଷ୍ୟ କଲେ ଅନୁମାନ କରିହୁଏ ବାଞ୍ଛାନିଧିଙ୍କ କବିତାରେ ସାର୍ବଜନୀନ ଏବଂ ଦୀର୍ଘକାଳୀନ ଆବେଦାନ ।

ଜାତୀୟ ଚେତନାକୁ ନେଇ ସେ ତ ଅନେକ କବିତା ରଚନା କରିଛନ୍ତି । କାରଣ ସେ ସମୟରେ ଆବଶ୍ୟକତା ତାହା ହିଁ

ଥିଲା । ଅଧିକରୁ ଅଧିକ ସଂଖ୍ୟାରେ ଲୋକଙ୍କୁ ଜାତୀୟ ଚେତନାରେ ଉଦ୍‌ବୃଦ୍ଧ କରି ସ୍ୱାଧୀନତା ସଂଗ୍ରାମରେ ସାମିଲ କରିବା ଥିଲା । ଏଇ ସବୁ କବିତାର ଆଭିମୁଖ୍ୟ । ତେଣୁ କବିତା ଗୁଡ଼ିକ ସହଜ, ସରଳ ଏବଂ ସଂଗୀତତ୍ମାକ କରି ରଚନା କରୁଥିଲେ କବି । ମୁହଁରୁ ମୁହଁକୁ ଏହା ସହଜରେ ସଂଚରି ଯାଉଥିଲା ।

କିନ୍ତୁ ଏଇ ସମସ୍ତ ଆବଶ୍ୟକତାକୁ ଅତିକ୍ରମ କରି କବି ବାଞ୍ଛାନିଧିଙ୍କର ଅନେକ କବିତା ମନୋଜ୍ଞ କବିତ୍ୱର ଛଟାରେ ଶୋଭାଭୟ ହୋଇଛି-

କୀରତି ସରସୀ ନୀରେ ପୀରତି କମଳ କି ସେ
ମୋ ଜାତି ଜୟ କେତନ ନୟନେ ସେ ଭଳି ଦିଶେ ।
ସ୍ୱାଧୀନବନ୍ତ ତପନ ରସାଇ ଦେଇଛି ମନ
ଭସାଇ ପ୍ରେମ ସଲିଳେ ବଂଧୁ ସଂଗତେ କି ମିଶେ ।

ଶାରଦୀୟ ଆକାଶକୁ ଲକ୍ଷ୍ୟକରି କବି ଆତ୍ମହରା ହୋଇଛନ୍ତି ।

ଶାରଦ ଗଗନ କି ନୀଳିମା ଭରା । ବହେଗୋ ସମୀରଣ ଶେଫାଳି ଝରା ।
ସପନେ ସୁଷମା ରାଶି ନୟନେ ଗୋ ଯାଏ ଭାସି
ଜାଗରଣେ କି ଶୋଭା ମାନସ ହରା ।

ଏଇ କବିତା ଗୁଡ଼ିକ କବି ବାଞ୍ଛାନିଧିଙ୍କ ଅସଲ କବିତ୍ୱର ପ୍ରଖ୍ୟାପକ । ହୁଏତ ତାଙ୍କ କବିତାର ସାମଗ୍ରିକ ଆବେଦନ ପାଇଁ ସେ ଜଣେ ଜାତୀୟବାଦୀ କବି ଭାବରେ ପ୍ରସିଦ୍ଧି ଲାଭ କରିଛନ୍ତି କିନ୍ତୁ ତାଙ୍କର ଅନେକ କବିତା ତାଙ୍କ କବିତ୍ୱର ଏକ ଭିନ୍ନ ଦିଗକୁ ଉନ୍ମୋଚିତ କରନ୍ତି । ଉପରୋକ୍ତ କବିତାଟି ସେଇଭଳି ଗୋଟିଏ କବିତା । ଆଉ ଗୋଟିଏ ଅତି କ୍ଷୁଦ୍ର କବିତାକୁ ଲକ୍ଷ୍ୟ କଲେ ଏ ଉକ୍ତିର ସତ୍ୟତା ଉପଲବ୍ଧି କରିହେବ ।

ତାନେ ତାନେ ମାନେ ମାନେ କି ସୁରେ ମାନିନୀ ଗାଏ
ପରାଣ ଆବେଗରେ କି ଭାବେ ତଟିନୀ ଧାଏଁ ।
ଶାରଦ ଗଗନେ ଶଶୀ ଏକା ଲାଗୀ ସୁଖେ ବଳସୀ
କା ପ୍ରେମେ ମେଘେ ମିଶି ଲୁଚକାଳି ଖେଳିଯାଏ ।

କବିଙ୍କର ଅନେକ କବିତା ବିଭିନ୍ନ ମହାପୁରୁଷମାନଙ୍କ ବିୟୋଗରେ ଶ୍ରଦ୍ଧାଂଜଳି ସମ୍ୱଳିତ, ବିଭିନ୍ନ ବିଶେଷ ଅବସର ଉଦ୍ଦେଶ୍ୟରେ ରଚିତ । କେତେକ ଜାତୀୟ ଭାବୋଦ୍ଦୀପକ, କେତେକ ଉତ୍କଳୀୟମାନଙ୍କ ପାଇଁ ପ୍ରେରଣା ଦାୟକ, କେତେକ ଜୀବନମୂଲ୍ୟ ସମ୍ୱଳିତ । କିନ୍ତୁ ମୋଟାମୋଟି ଭାବରେ କବିଙ୍କର ସକଳ କୃତିର ଗୋଟିଏ ପ୍ରମୁଖ ଉଦ୍ଦେଶ୍ୟ । ତାହା ହେଉଛି ଏକ ମହାନ୍ ଜାତୀୟ ଉଦ୍ଦେଶ୍ୟ । ସେଥିପାଇଁ ସବୁ ସଂକଟ, ଅସ୍ଥିରତା ଭିତରେ ତାଙ୍କ ଲେଖନୀ ଚଳଚଂଚଳ ଥିଲା । ହୁଏତ ଏହାକୁ ସେ ଜୀବନର ପଣ କରି ନେଇଥିଲେ । ଏ ସଂପର୍କରେ ସ୍ୱୟଂ ସ୍ୱୀକାର କରିଛନ୍ତି-

ମୋ ଭଂଗା କୁଡ଼ିଆରେ ଭଂଗା ପାରଣରେ ଭଂଗା କବିତାକୁ ଯୋଡୁଥିଲି ।

କବି ବାଞ୍ଛାନିଧି ଏଇ ସବୁ ଚେତନାର ବାହକ, ପ୍ରଚାରକ । ଜାତି ପାଇଁ ତାଙ୍କ ସାଧନା ଉତ୍ସର୍ଗୀକୃତ । ସାଧାରଣ ମଣିଷର ଭାଷାରେ ତାରି ଭାବକୁ ରୂପାୟିତ କରିବାର ଏକ ନିଷ୍ପାପର ଉଦ୍ୟମ । ସେଥିପାଇଁ ସେଦିନ ଉତ୍କଳର ସବୁରି ମୁହଁରେ ଉଚ୍ଚାରିତ ହେଉଥିବା ଏଇ ଜାତୀୟବାଦୀ ଗୀତ-ମନ୍ତ୍ର ସବୁ ଆଜି ମଧ୍ୟ ଉତ୍କଳୀୟ ଗଗନ ପବନରେ ଖେଳି ବୁଲୁଛନ୍ତି । ତାଙ୍କ କବିତାର ଆବେଦନ ଅତ୍ୟନ୍ତ ବ୍ୟାପକ ଏବଂ ଗଭୀର । ସେଥିପାଇଁ ଉତ୍କଳୀୟ ମାନଙ୍କ ମଧ୍ୟରେ ଜାତୀୟ ଭାବନାଟି ସଂଚରିତ ହୋଇପାରିଥିଲା ଖୁବ୍ ସହଜରେ । କାରଣ ସେଥିରେ ଆବେଗ ଥିଲା ଏବଂ ଥିଲା ଜନମାନସକୁ ଆବେଦନ କରିବାର ଶକ୍ତି ।

କାର୍ଯ୍ୟକ୍ରମ ନିଷ୍ପାଦକ
ଆକାଶବାଣୀ, କଟକ